ପ୍ରେସ୍ ନୋଟ୍

## ଜାତୀରଜନକ ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଉପଲକ୍ଷେ ଭର୍ଚ୍ଚୁଆଲ ପଦ୍ଧତିରେ ଅନୁଷ୍ଠିତ ହେଲା ବିଭିନ୍ନ ପ୍ରତିଯୋଗିତା ।

ଅନୁଗୋଳ,ତା. ୦୧.୧୦:- ଜାତିର ଜନକ ମହାତ୍ମାଗାନ୍ଧୀଙ୍କର ୧୫୦ ତମ ଜୟନ୍ତୀ ପାଳନ ଅବସରରେ ଆଜି ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀମାନଂକ ମଧ୍ୟରେ ଜୁନିଅର ଓ ସିନିଅର ବିଭାଗରେ ଭର୍ଚ୍ଚୁଆଲ ପଦ୍ଧତିରେ ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜୁନିଅର ବିଭାଗ କୁଇଜ ପ୍ରତିଯୋଗୀତାରେ ଅନୁଗୋଳ ଉଚ୍ଚ ବିଦ୍ୟାଳୟର ସ୍ୱାଭିମାନ ସାହୁ ପ୍ରଥମ , ସ୍ୱର୍ଣ୍ଣପ୍ରିୟା ବେହେରା ଦ୍ୱିତୀୟ ଓ ଶୁଭଶ୍ରୀ ଶତପଥି ତୃତୀୟ ସ୍ଥାନ ହାସଲ କରିଥିବାବେଳେ ସିନିୟର ବିଭାଗରେ ଲୋହିତ ଲୋଚନ ସାହୁ (ଅନୁଗୋଳ ଉଚ୍ଚ ବିଦ୍ୟାଳୟ)ପ୍ରଥମ, ଇପସିତା ରଣା (ଅନୁଗୋଳ ଉଚ୍ଚ ବିଦ୍ୟାଳୟ) ଦ୍ୱିତୀୟ ଓ ଆରତୀରାଣୀ ସିଂହ (ପି ଟି ସି ନୋଡାଲ ଉ ଚ୍ଚ ବିଦ୍ୟାଳୟ) ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି ଜୁନିଅର ବିଭାଗ ବକ୍ତୃତା ପ୍ରତିଯୋଗିତାରେ ନର୍ଗିଶ ନନ୍ଦ (ପି ଟି ସି ଉଚ୍ଚ ବିଦ୍ୟାଳୟ) ପ୍ରଥମ, ଓମ୍ ଶ୍ରୁତି ସ୍ୱରୁପ ପ୍ରଧାନ (ଅନୁଗୋଳ ଉଚ୍ଚ ବିଦ୍ୟାଳୟ) ଦ୍ୱିତୀୟ ଓ ଜଗନ୍ନାଥ ସିଂ ସାମନ୍ତ (ଅନୁଗୋଳ ଉଚ୍ଚ ବିଦ୍ୟାଳୟ) ତୃତୀୟ ସ୍ଥାନ ହାସଲ କରିଥିବାବେଳେ ସିନିଅର ବିଭାଗରେ ସନ୍ଦିପ୍ ଖିଲାର(ଖିଲାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ) ପ୍ରଥମ ଓ ଶ୍ରୀୟାଂଶା ପ୍ରଧାନ (ଅନୁଗୋଳ ଉଚ୍ଚ ବିଦ୍ୟାଳୟ) ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଏହି ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀମାନଂକର ପୁରସ୍କାର ଓ ପ୍ରମାଣପତ୍ର ସେମାନଂକ ବିଦ୍ୟାଳୟ ମାଧ୍ୟମରେ ତାଂକ ଘରେ ପହଂଚାଇ ଦିଆଯିବ । ଆସନ୍ତାକାଲି ସକାଳ ୮ ଘଟିକା ସମୟରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଗାନ୍ଧୀ ପାର୍କ ଠାରେ ଗାନ୍ଧିଜୀଙ୍କର ପ୍ରତିମୂର୍ତ୍ତୀ ନିକଟରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଆଦୃତା ଶିଶୁ ଗୃହ ଓ ସ୍ୱଧାର ଗୃହକୁ ଯାଇ ଫଳ ବଣ୍ଟନ କରିବେ । ଗାନ୍ଧିଜୀଙ୍କର ୧୫୦ତମ ଜୟନ୍ତୀ ପାଳନ ଅବସରରେ ଜିଲ୍ଲାବ୍ୟାପି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଗାନ୍ଧିଜୀଙ୍କର ଆଦର୍ଶମୟ ଜୀବନ, ସତ୍ୟାଗ୍ରହ ଓ ଅସହଯୋଗ ଆନ୍ଦୋଳନ ଉପରେ ଆସନ୍ତାକାଲି ପୂର୍ବାହ୍ନ ୧୧ ଘଟିକା ସମୟରେ ଓସଓ୍ୱାନରେ ଜୁମ୍ ମାଧ୍ୟମରେ ଆଲୋଚନାଚକ୍ର ଅନୁଷ୍ଠିତ ହେବ ।